# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**08th May - 2025**

**************************************

***Desk***

## ପି.ଏମ୍. - ସର୍ବଦଳୀୟ ବୈଠକ

ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କୁ ସରକାରଙ୍କ ପକ୍ଷରୁ 'ଅପରେସନ୍ ସିନ୍ଦୂର' ସମ୍ପର୍କରେ ଅବଗତ କରାଯିବା ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ । ପୂର୍ବରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳର ନେତାମାନେ ସମର୍ଥନ ଜଣାଇଛନ୍ତି ।

***BBSR/R***

## ରାଜ୍ୟ କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ବିଭାଗର ୮ଟି ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ମୁଖ୍ୟମନ୍ତ୍ରୀ

ବସ୍‌ସେବା ଯୋଜନାର ୨୦୩୨-୩୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ଅନୁମୋଦନ ମିଳିଛି ।

***Voice :.......***

ସେହିଭଳି ଓଡ଼ିଶା ବେସାମରିକ ସେବା ପେନ୍‌ସନ୍ ନିୟମାବଳୀ-୧୯୯୨ରେ ଅତ୍ୟାବଶ୍ୟକ ସରଳୀକରଣ ଏବଂ ଅସଙ୍ଗତି ଦୂର ନିମନ୍ତେ ଅନୁମୋଦନ ମିଳିଛି । ରାଜ୍ୟରେ ସଡ଼କ ସଂଯୋଗୀକରଣ ଓ ଉନ୍ନତୀକରଣ ପାଇଁ ୨ଟି ନୂତନ ଯୋଜନା ନିର୍ବାଚନ ମଣ୍ଡଳୀଓ୍ୱାରୀ ଅର୍ଥବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା - ବିପର୍ଯ୍ୟୟ ପ୍ରତିରୋଧକ ସଡ଼କକୁ ମଞ୍ଜୁରି ମିଳିଛି । ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାପାଇଁ ୯ ହଜାର ୬୫୬ କୋଟି ଟଙ୍କାର ପ୍ରସ୍ତାବ ରହିଛି । ନିର୍ମଳ ଯୋଜନାକୁ ଆଉ ୫ ବର୍ଷ ଜାରି ରଖିବାପାଇଁ ନିଷ୍ପତ୍ତି ନିଆଯାଇଛି । ନିଦାନ ଯୋଜନା ମଧ୍ୟ ଆଗାମୀ ୫ ବର୍ଷପାଇଁ କାର୍ଯ୍ୟକାରୀ ହେବ । ଜୈବ ଚିକିତ୍ସା, ବର୍ଜ୍ୟ ପରିଚାଳନା ନିୟମ-୨୦୧୬ ଏବଂ ପରବର୍ତ୍ତୀ ସଂଶୋଧନ ନିୟମକୁ ଅନୁସରଣ କରି ବର୍ଜ୍ୟ ପରିଚାଳନା ଏବଂ ନିଷ୍କାସନ କରିବାକୁ ସରକାର କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇଛନ୍ତି । ଏଥିଲାଗି ଜୈବ ଚିକିତ୍ସା ବର୍ଜ୍ୟ ପରିଚାଳନା ଯୋଜନାପାଇଁ ୨ ହଜାର ୨୧ କୋଟି ୮୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଶ୍ରୀ ଆହୁଜା କହିଛନ୍ତି ।

*Desk*

# ବିଶ୍ୱବିଦ୍ୟାଳୟ ଅଧିନିୟମ

ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମକୁ ନେଇ ହୋଇଥିବା ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ବିଶ୍ୱବିଦ୍ୟାଳୟରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ଉଠାଇ ଦେଇଛନ୍ତି । ଏହାପରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧ୍ୟାପକଙ୍କ ନିଯୁକ୍ତିକୁ ନେଇ କଟକଣା ଦୂର ହୋଇଥିବା ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୟୁ.ଜି.ସି. ମାର୍ଗଦର୍ଶିକା ପାଳନ କରୁ ନ ଥିବା ଦର୍ଶାଇ ୟୁ.ଜି.ସି. ପକ୍ଷରୁ ସୁପ୍ରିମ୍‌କୋର୍ଟରେ ମାମଲା ଦାଏର କରାଯାଇଥିଲା ।

*Desk*

# ମୁଖ୍ୟମନ୍ତ୍ରୀ - ଅପରାଧିକ ଆଇନ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଲୋକସେବା ଭବନରେ ଦେଶର ୩ଟି ନୂତନ ଅପରାଧିକ ଆଇନର ଫଳପ୍ରଦ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଶୂନ୍ୟ ଏଫ୍.ଆଇ.ଆର୍. ଉପରେ ଗୁରୁତ୍ୱାରୋପ କରିବା ସହ ଇ-ଏଫ୍.ଆଇ.ଆର୍., ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥାର କାର୍ଯ୍ୟକାରୀ ପାଇଁ ପରାମର୍ଶ

ଦେଇଛନ୍ତି । ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ ଓ ସରଳ ହେବା ସହିତ ଏହାକୁ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିପାଇଁ ଜେଲ୍, ହସ୍ପିଟାଲ୍, ଫରେନ୍‌ସିକ୍ ଲ୍ୟାବ୍ ଓ ଅଦାଲତ ଆଦିକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଡ଼ିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

***Desk***

# ବିଚାରପତି - ଶପଥ ଗ୍ରହଣ

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ କୃଷ୍ଣ ଶ୍ରୀପଦ ଦୀକ୍ଷିତ୍ ଆସନ୍ତା ୧୨ ତାରିଖରେ ଶପଥ ଗ୍ରହଣ କରିବେ । ଗତମାସ ୧୫ ଏବଂ ୧୯ ତାରିଖରେ ଅନୁଷ୍ଠିତ ସୁପ୍ରିମ୍‌କୋର୍ଟର କଲିଜିୟମ୍ ବୈଠକରେ ଜଷ୍ଟିସ୍ କୃଷ୍ଣ ଶ୍ରୀପଦ ଦୀକ୍ଷିତ୍‌ଙ୍କ ସହ ମୋଟ୍ ୭ ଜଣ ବିଚାରପତିଙ୍କୁ ବିଭିନ୍ନ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ୍ କରାଯାଇଥିଲା । ଜଷ୍ଟିସ୍ ଦୀକ୍ଷିତ୍‌ଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟର ବିଚାରପତି ସଂଖ୍ୟା ୧୯ରେ ପହଞ୍ଚିବ ।

***BBSR/R***

# ବିମାନ ବନ୍ଦର - ସମୀକ୍ଷା

ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପୁରୀରେ ପ୍ରସ୍ତାବିତ ବିମାନ ବନ୍ଦର ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ଜମି ଅଧିଗ୍ରହଣ, ପୁନଃ ସ୍ଥାପନ ଆଦି ନେଇ ସମୀକ୍ଷା କରିଛନ୍ତି । ସୂଚନା ଅନୁସାରେ, କେନ୍ଦ୍ର ସରକାର ପୁରୀ ବିମାନ ବନ୍ଦରକୁ ଗ୍ରୀନ୍ ଫିଲ୍ଡ୍ ବିମାନ ବନ୍ଦର ଭାବେ ଅନୁମୋଦନ ଦେଇଛନ୍ତି ।

***Desk***

# ରେଡ୍କ୍ରସ-ଥାଲାସେମିଆ ଦିବସ

ଆଜି ବିଶ୍ୱ ରେଡ୍କ୍ରସ ଦିବସ । ରେଡ୍କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାର୍ଣ୍ଣଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ମଇ ମାସ ୮ ତାରିଖ ଦିନ ବିଶ୍ୱ ରେଡ୍କ୍ରସ ଦିବସ ପାଳିତ ହୋଇଆସୁଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ବିଶ୍ୱରେ ମାନବତାକୁ ବଞ୍ଚାଇ ରଖିବା" ।

ସେହିପରି ଆଜି "ଥାଲାସେମିଆପାଇଁ ଏକତ୍ର ହେବା : ଥାଲାସେମିଆ ରୋଗୀଙ୍କୁ ଅଗ୍ରାଧିକାର ଦେବା" ବାର୍ତ୍ତା ନେଇ ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଉଛି । ଏହା ଏକ ରକ୍ତ ବିକାର ସମସ୍ୟା । ଏହି ରୋଗର କାରଣ ଓ ଚିକିତ୍ସା ସଂପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

*Desk*

# ଖେଲୋ ଇଣ୍ଡିଆ

ବିହାରରେ ଅନୁଷ୍ଠିତ ହେବାକୁ ଥିବା ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ପ୍ରତିଯୋଗିତାର ଭାରୋତ୍ତଳନ ବର୍ଗରେ ଓଡ଼ିଶାରୁ ୭ ଜଣ ଖେଳାଳି ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତା ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

*Desk*

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ଗତ କିଛିଦିନ ଧରି ରାଜ୍ୟରେ ତାପମାତ୍ରା ହ୍ରାସ ପାଇଥିବାବେଳେ ଗତକାଲିଠାରୁ ପୁଣି ଥରେ ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗିର ଓ ଟିଟିଲାଗଡ଼ରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା ।

*****